## ସଂକ୍ଷେପରେ

### ନାଳରୁ ଯୁବକଙ୍କ ମୃତଦେହ ଉଦ୍ଧାର

ପାରଳାଖେମୁଣ୍ଡି,୧୬।୮(ସ୍ୱ.ପ୍ର.): ଗଜପତି ଜିଲା ପାରଳାଖେମୁଣ୍ଡି ପୌରପରିଷଦ ଅନ୍ତର୍ଗତ ଲକ୍ଷ୍ମୀ ନଗର ନାଳରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ସେ ହେଲେ ରାଣୀପଦ୍ମାବତୀ ସାହିର ଧନ ଜାନୀ। ଖବର ପାଇ ପାରଳାଖେମୁଣ୍ଡି ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛି । ସୂଚନା ଅନୁଯାୟୀ ଧନ ଦୀର୍ଘ ଦିନ ହେଲା କୁକୁଡା ଫାର୍ମରେ କାର୍ଯ୍ୟ କରୁଥିଲେ। ତେବେ ସେ ନାଳରେ କିପରି ପଡ଼ିଲେ ତାହା ସ୍ପଷ୍ଟ ହୋଇନାହିଁ। ଏ ନେଇ ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ୬/୨୦ ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ତଦନ୍ତକାରୀ ଅଧିକାରୀ ପିତବାସ ଶତପଥୀ ସୂଚନା ଦେଇଛନ୍ତି।

### ଆନ୍ଧ୍ରକୁ ଦେଶୀମଦ ଚାଲାଣ, ୪ ଗିରଫ

ପାରଳାଖେମୁଣ୍ଡି,୧୬।୮(ସ୍ୱ.ପ୍ର.)- ଗଜପତି ଜିଲା ଗୋଷାଣୀ ବ୍ଲକ କେରାଣ୍ଡି ପଞ୍ଚାୟତର କେତେଜଣ ଯୁବକ ବାଇକ ଯୋଗେ ପଡ଼ୋଶୀ ଆନ୍ଧ୍ରପ୍ରଦେଶକୁ ଚୋରା ଦେଶୀମଦ ଚାଲାଣ କରୁଥିବା ବେଳେ ଆନ୍ଧ୍ର ଅବକାରୀ ବିଭାଗ ହାତରେ ଧରାପଡିଛନ୍ତି। ଏମାନଙ୍କ ନିକଟରୁ ମୋଟ ୯ଶହ ଲିଟର ଦେଶୀ ମଦ ଜବତ ହୋଇଛି। ଗଜପତି ଜିଲା ଅବକାରୀ ବିଭାଗ କିମ୍ବା ପୋଲିସ ପାଖରେ କୌଣସି ଖବର ନଥିବାବେଳେ ସୀମାନ୍ତବର୍ତ୍ତୀ ମେଳିଆପୁଟି ମଣ୍ଡଳର ପୋଲିସ କୌଣସି ସୂତ୍ରରୁ ଖବରପାଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଏସ. ତିରୁପତି, ଏନ୍.ବାଳକ୍ରିଷ୍ଣା, ଜେନା ସନ୍ତୋଷ, ସାଇଲତା ସଞ୍ଜୀବ। ଏମାନଙ୍କଠାରୁ ଏକ ବାଇକ (ନଂ.ଏପି ୩୧ ଏଡି ୫୯୫ ) ଏବଂ ଅଟୋ ରିକ୍ସା (ନଂ.ଏପି୩୦ ଡବ୍ଲ୍ୟୁ ୩୭୨୬) ଓ ୯ ଶହଟି ପାଉଚ (ଆନୁମାନିକ ୯ଶହ ଲିଟର) ଜବତ ହୋଇଛି।

### ଗଜପତିରେ ୭୧ ପଜିଟିଭ୍ ଚିହ୍ନଟ

ପାରଳାଖେମୁଣ୍ଡି,୧୬।୮(ସ୍ୱ.ପ୍ର.)- ଗଜପତିରେ ଜିଲାରେ ପୁଣି ୭୧ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ରବିବାର ସୂଚନା ମିଳିଛି। ଫଳରେ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୩୫୦ରେ ପହଞ୍ଚିଛି । ନୂଆ ସଂକ୍ରମିତଙ୍କ ମଧ୍ୟରେ ପାରଳାଖେମୁଣ୍ଡି ସହରାଞ୍ଚଳରୁ ୨୦, ଗୋଷାଣୀ ବ୍ଲକରୁ ୭, ମୋହନା ବ୍ଲକରୁ ୪, ଆର.ଉଦୟଗିରି ବ୍ଲକରୁ ୧୭, ଗୁମ୍ମା ବ୍ଲକରୁ ୩, କାଶୀନଗରରୁ ୬ ଏବଂ ରାୟଗଡ଼ ବ୍ଲକରୁ ୪ ଜଣ ଅଛନ୍ତି। ଏଥିମଧ୍ୟରୁ ୨ ଜଣ କରୋନା ଯୋଦ୍ଧା, ସ୍ୱାସ୍ଥ୍ୟକର୍ମୀଙ୍କ ଯାଞ୍ଚ ବେଳେ ୪୩ ଜଣ, ପୂର୍ବ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସି ୨୫ ଜଣ ଓ ଜିଲା ବାହାରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଥିବା ଜିଲାପାଳ ଅନୁପମ ସାହା ସୂଚନା ଦେଇଛନ୍ତି ।

### ଡକାୟତି ଯୋଜନା ପଣ୍ଡ, ୩ ଗିରଫ

ବ୍ରହ୍ମପୁର ଅଫିସ ,୧୬।୮- ବଡବଜାର ଥାନା ଫାଷ୍ଟଗେଟ୍ ଓମ୍‌ନଗର ନିକଟ ଚନ୍ଦନିଆ ପାହାଡ ପାଖରେ କେତେଜଣ ଦୁର୍ବୃତ୍ତ ଡକାୟତି ଯୋଜନା କରୁଥିବା ୩ ଜଣଙ୍କୁ ପୋଲିସ କାବୁ କରିଛି। ସେମାନେ ହେଲେ ମାଷ୍ଟରମାଇଣ୍ଡ ଗୋପାଳପୁର ବସ୍‌ଷ୍ଟାଣ୍ଡ ରୋଡ୍‌ର ଚନ୍ଦନ ପଟ୍ଟନାୟକ, ବଡବଜାର ଥାନା ପୂର୍ଣ୍ଣବାସୀ କଲୋନିର ଏମ. କୋଟେଶ୍ୱର ରାଓ ଏବଂ ସିଟି ହାଇସ୍କୁଲ ନିକଟସ୍ଥ ଅନୁସୂଚିତ ଜାତି ସାହିର କାଳିଆ ସେଠୀ ଓରଫ ମୁଣ୍ଡା। ସେମାନଙ୍କ ନିକଟରୁ ୩ଟି ଖଣ୍ଡା, ୫ଟି ବୋମା, ଗନ୍ ପାଉଡର୍ ଏବଂ ଦୁଇଟି ବାଇକ ଜବତ ହୋଇଛି। ନଂ.୧୬୪/୨୦ରେ ମାମଲା ରୁଜୁକରି ରବିବାର ୩ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ପ୍ରଶାନ୍ତ ଭୂପତି ସୂଚନା ଦେଇଛନ୍ତି।

# ପୁଣି ୧୪ ଅନ୍ତେବାସୀ କରୋନା ଆକ୍ରାନ୍ତ

■ ବାଳ ସୁଧାର ଗୃହ
■ ୬୪ରେ ପହଞ୍ଚିଲା ପଜିଟିଭ ସଂଖ୍ୟା

ବ୍ରହ୍ମପୁର ଅଫିସ, ୧୬।୮

ଗଞ୍ଜାମ ଜିଲାରେ କରୋନାକୁ ନେଇ ଲୋକେ ଭୟଭୀତ ହୋଇ ରହିଛନ୍ତି। ରବିବାର ପୁଣି ବ୍ରହ୍ମପୁର ବାଳ ସୁଧାର ଗୃହର ୧୪ ଅନ୍ତେବାସୀ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏ ନେଇ ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି) କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର ଟୁଇଟ୍ ମାଧ୍ୟମରେ ସୂଚନା ଦେଇଛନ୍ତି। ପୂର୍ବରୁ ଦୁଇଟି ପର୍ଯ୍ୟାୟରେ ୫୦ ଅନ୍ତେବାସୀ ପଜିଟିଭ ଚିହ୍ନଟ ହୋଇଥିଲେ। ପୁଣି ୧୪ ଆକ୍ରାନ୍ତ ହେବା ପରେ ବର୍ତ୍ତମାନ ପଜିଟିଭ୍‌ଙ୍କ ସଂଖ୍ୟା ୬୪ରେ ପହଞ୍ଚିଛି। ଏହା ଜଣାପଡିବା ପରେ କେତେଜଣ କର୍ମଚାରୀଙ୍କ ନମୁନା ମଧ୍ୟ ସଂଗ୍ରହ କରାଯାଇଛି। ସେମାନଙ୍କ ରିପୋର୍ଟ ଆସି ନ ଥିବା ସୂଚନା ମିଳିଛି। ସୁଧାର ଗୃହରୁ ଗତ ୧ ତାରିଖରେ ୪୫ ଅନ୍ତେବାସୀ



ବାଳ ସୁଦ୍ଧାର ଗୃହ ।

ପଜିଟିଭ ଚିହ୍ନଟ ହୋଇଥିଲେ। ଜଣଙ୍କୁ ଥଣ୍ଡା, ଜ୍ୱର ହେବାରୁ ସେଠାରେ ଥିବା ୭୫ ନାବାଳକଙ୍କ ସ୍ୱାବ୍ ନମୁନା ପରୀକ୍ଷା କରାଯାଇଥିଲା। ସେଥିରୁ ପ୍ରଥମ ପର୍ଯ୍ୟାୟରେ ୪୫ ଓ ଦ୍ୱିତୀୟ ପର୍ଯ୍ୟାୟରେ ୫ ପଜିଟିଭ ଚିହ୍ନଟ ହୋଇଥିଲେ। ସୁଧାର ଗୃହରେ ତାଙ୍କୁ ସଙ୍ଗରୋଧରେ ରଖାଯାଇ ଚିକିତ୍ସା କରାଯାଇଥିଲା। ଜିଲା ସ୍ୱାସ୍ଥ୍ୟ ବିଭାଗ ଡାକ୍ତରୀ ଦଳ ସୁଧାର ଗୃହକୁ ଯାଇ ନାବାଳକଙ୍କ ଚିକିତ୍ସା କରିଥିଲେ। ଗତ କିଛିଦିନ ତଳେ ପୁଣି କେତେଜଣ ନାବାଳକଙ୍କୁ ଥଣ୍ଡା, ଜ୍ୱର ହେବାରୁ ୫୩ ଜଣଙ୍କ ନମୁନା ପରୀକ୍ଷା କରାଯାଇଥିଲା। ରବିବାର ୧୪ ନାବାଳକ ଆକ୍ରାନ୍ତ ହୋଇଥିବା ସୂଚନା ଦିଆଯାଇଛି। ସେମାନଙ୍କୁ ମଧ୍ୟ ସୁଧାର ଗୃହରେ ଚିକିତ୍ସା କରାଯିବ ବୋଲି ଜଣାପଡିଛି। ବାଳସୁଧାର ଗୃହ ଅଧୀକ୍ଷକ ପି. କେ. ହର କୁହନ୍ତି, ଗତ ୧୩ ତାରିଖରେ ୫୩ ଅନ୍ତେବାସୀ ଓ ୧୬କର୍ମଚାରୀଙ୍କ ସ୍ୱାବ୍ ସଂଗ୍ରହ କରାଯାଇଥିଲା। ଏଯାବତ ସେ ସମ୍ପର୍କରେ ଆମ ନିକଟକୁ କୌଣସି ସୂଚନା ଆସିନାହିଁ। ପୂର୍ବରୁ ଆକ୍ରାନ୍ତ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଛି। ପୂର୍ବରୁ ଜଣେ ଷ୍ଟାଫ ତାଙ୍କ ମା 'ଙ୍କ ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ଯାଇଥିବା ବେଳେ ସେ କରୋନାରେ ଆକ୍ରାନ୍ତ ହୋଇଥିଲେ। ପରେ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ସେ ସୂଚନା ଦେଇଛନ୍ତି।

# ପ୍ଲାଜମା ଦାନ ପାଇଁ ଆହ୍ୱାନ କଲେ ମନ୍ତ୍ରୀ

ପାରଳାଖେମୁଣ୍ଡି,୧୬।୮(ସ୍ୱ.ପ୍ର.):

**ଗଜପତି ଜିଲାସ୍ତରୀୟ ସ୍ୱାଧୀନତା ଦିବସ**

ପାରଳାଖେମୁଣ୍ଡିସ୍ଥିତ ଗଜପତି ଷ୍ଟାଡିୟମରେ ଜିଲାସ୍ତରୀୟ ୭୪ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିଥିଲେ। ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ମନେପକାଇବା ସହ ଦେଶ ସ୍ୱାଧୀନତାରେ ପାରଳା ମହାରାଜା କୃଷ୍ଣ ଚନ୍ଦ୍ର ଗଜପତିଙ୍କ ଅବଦାନ ଅବିସ୍ମରଣୀୟ ବୋଲି କହିଥିଲେ। ସେହିପରି କରୋନା ସଂକ୍ରମଣକୁ ରୋକିବା ପାଇଁ ରାଜ୍ୟ ସରକାର ଠିକ୍ ମୁକାବିଲା କରିଆସୁଛନ୍ତି। ତେଣୁ ଭୟଭୀତ ନ ହୋଇ ସତର୍କ ରହିବାକୁ ସେ ପରାମର୍ଶ ଦେଇଥିଲେ। ସୁସ୍ଥ ହେଉଥିବା ଲୋକେ ଅନ୍ୟ ସଂକ୍ରମିତଙ୍କ ଜୀବନ ବଞ୍ଚାଇବା ପାଇଁ ପ୍ଲାଜ୍‌ମା ଦାନ କରନ୍ତୁ ବୋଲି ସେ ଆହ୍ୱାନ କରିଥିଲେ। ଉତ୍ସବରେ କରୋନା ଯୋଦ୍ଧାମାନଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଗଜପତି ଜିଲାପାଳ ଅନୁପମ ଶାହା, ଏସ୍‌ପି ତପନ କୁମାର ପଟ୍ଟନାୟକ, କୋଭିଡ୍ ପରିଚାଳନାର ମୁଖ୍ୟ ଆଇଏଏସ୍ ଅଫିସର ଜେ. ସୋନାଲ୍, ଉପଜିଲାପାଳ ସଂଗ୍ରାମ ଶେଖର ପଣ୍ଡା, ତହସିଲଦାର ଅଚ୍ୟୁତାନନ୍ଦ ଜାନୀ, ପାରଳାଖେମୁଣ୍ଡି ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ରାଉତ, ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀଙ୍କ ସମେତ ବହୁ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଗୁଳିକାଣ୍ଡ ଘଟଣା: ୨ ମାମଲା ରୁଜୁ, ୧୦ ଅଟକ

ବୁଗୁଡ଼ା,୧୬।୮(ଡି.ଏନ୍.ଏ.)

ବୁଗୁଡ଼ା ଥାନା ଗୋଳିଆ ଗ୍ରାମରେ ଶୁକ୍ରବାର ହୋଇଥିବା ଗୁଳିକାଣ୍ଡ ଘଟଣାରେ ୨ ଜଣ ଗୁରୁତର ହୋଇ ବ୍ରହ୍ମପୁର ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଏନେଇ ବୁଗୁଡ଼ା ପୋଲିସ ୧୦ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ଉଭୟ ଗୋଷ୍ଠୀର ଏତଲା ପରେ ନଂ.୨୨୩ ଓ ୨୨୪/୨୦ରେ ଦୁଇଟି ମାମଲା ରୁଜୁ ହୋଇଛି। ମଦ ବିକ୍ରି ତଥା ପୂର୍ବ ଶତ୍ରୁତାକୁ ନେଇ ଶୁକ୍ରବାର ଏହି ଗୁଳିକାଣ୍ଡ ଘଟିଥିଲା। ଏଥିରେ ଗୋଳିଆର ସନାତନ ବାଡ଼ତ୍ୟା ଓ ବାଦୁଆର ଏସ୍. ଅନିଲ ଦୋରା ଗୁରୁତର ହୋଇଥିଲେ। ଏହାଛଡ଼ା କିଛି ଯୁବକ ଆହତ ହୋଇଥିଲେ ମଧ୍ୟ ସେମାନେ ଘରୁ ପଦାକୁ ବାହାରୁନଥିବା ଜଣାପଡ଼ିଛି। ବୁଗୁଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ୧୦ ଜଣଙ୍କୁ ଧରି ଥାନାରେ ଅଟକ ରଖିଛି।

ରବିବାର ଅପରାହ୍ନରେ ଗଞ୍ଜାମ ଅତିରିକ୍ତ ଏସ୍‌ପି ଠାକୁର ପ୍ରସାଦ ପାତ୍ରଙ୍କ


ପୋଲିସର ଫ୍ଲାଗମାର୍ଚ୍ଚ।

**ଗୋଳିଆ ଗାଁରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ**

ନେତୃତ୍ୱରେ ଗ୍ରାମର ପ୍ରତ୍ୟେକ ସାହିରେ ପୋଲିସ ଫ୍ଲାଗମାର୍ଚ୍ଚ କରିଛି। ଏଥିରେ ଭଞ୍ଜନଗର ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ମିଶ୍ର, ପୋଲସରା ଆଇଆଇସି ଯୁଧିଷ୍ଠିର ମଲିକ, ବୁଗୁଡ଼ା ଆଇଆଇସି ଚିତ୍ତରଞ୍ଜନ ବେହେରା, ବାଲିପଦର ଫାଣ୍ଡି ଅଧିକାରୀ ନିରଞ୍ଜନ ଦାଶ ଉପସ୍ଥିତ ଥିଲେ।

# ୭ ଦିନରେ ୧୫୮ ୟୁନିଟ ରକ୍ତ ସଂଗ୍ରହ

ପାରଳାଖେମୁଣ୍ଡି,୧୬।୮(ସ୍ୱ.ପ୍ର.)

ପାରଳାଖେମୁଣ୍ଡି ଟାଉନ୍‌ହଲଠାରେ ଗତ ୯ ତାରିଖରୁ ଆରମ୍ଭ ହୋଇ ଥିବା ଜୀବନବିନ୍ଦୁ ରକ୍ତଦାନ ଶିବିର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଦିବସରେ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ କରୋନା ସମୟରେ ରକ୍ତ ଭଣ୍ଡାରଗୁଡ଼ିକରେ ରକ୍ତ ଅଭାବ ଦୂର କରିବା ପାଇଁ ରାଜ୍ୟରେ ଗତ ୯ତାରିଖରୁ ଏପରି ଶିବିର ହୋଇଥିଲା । ଯାହାକି ସ୍ୱାଧୀତନା ଦିବସରେ ସରିଛି। ଗଜପତି ଜିଲା ବିଜେଡି ତରଫରୁ ଆୟୋଜିତ ଏହି ଶିବିରର ଉଦ୍‌ଯାପନୀ ଦିବସରେ ୩୦ ୟୁନିଟ ଏବଂ ଅନ୍ୟ ୬ଦିନରେ ୧୨୮ ୟୁନିଟ ମୋଟ ୧୫୮ ୟୁନିଟ ରକ୍ତ ସଂଗ୍ରହ କରାଯାଇ ଗଜପତି ବ୍ଲଡ ବ୍ୟାଙ୍କକୁ ଦିଆଯାଇଛି । କାର୍ଯ୍ୟକ୍ରମରେ ଜିଲା ବିଜେଡି ସଭାପତି ପ୍ରଦୀପ ନାୟକ, ପାରଳା ରାଜ କୁମାରୀ କଲ୍ୟାଣୀ ଗଜପତି ପ୍ରମୁଖ ଯୋଗ ଦେଇଥିଲେ ।

# ମୂଲ୍ୟବାନ କାଠ ଜବତ: ୨ ଅଟକ


ଜବତ ହୋଇଥିବା କାଠ।

ପାରଳାଖେମୁଣ୍ଡି,୧୬।୮(ସ୍ୱ.ପ୍ର.):

ଚୋରା ଚାଲାଣବେଳେ ଗଜପତି ଜିଲା ଦେବଗିରି ବନବିଭାଗ ରେଞ୍ଜ ପକ୍ଷରୁ ରବିବାର ଚଢ଼ାଉ କରାଯାଇ ଗୋଷାଣୀ ବ୍ଲକ୍ ପାଟିକୋଟା ଗ୍ରାମରୁ ୧୮ ଖଣ୍ଡ ମୂଲ୍ୟବାନ କାଠ ଜବତ ହୋଇଛି। ଏହି ଘଟଣାରେ କ୍ରିଷ୍ଣା ଚିନ୍ତାଡ଼ା ଏବଂ ଇରାନା ପପୁ ରେଡ୍ଡୀ ନାମକ ୨ଜଣଙ୍କୁ ଅଟକ ରଖି ତଦନ୍ତ ଚାଲିଥିବା ରେଞ୍ଜର ଅରୁଣ କୁମାର ବେହେରା ସୂଚନା ଦେଇଛନ୍ତି। ଜବତ କାଠର ମୂଲ୍ୟ ୧୬ହଜାର ଟଙ୍କା ହେବ ବୋଲି ସୂଚନା ମିଳିଛି। ଜିଲାରେ ମୂଲ୍ୟବାନ କାଠ ଚୋରାଚାଲାଣ ବଢୁଥିବାବେଳେ ଏ ବିଷୟରେ ବନଖଣ୍ଡ ଅଧିକାରୀ ସଂଗ୍ରାମ ଶେଖର ବେହେରା କହିଛନ୍ତି, ବିଭାଗ ପକ୍ଷରୁ ପାଟ୍ରୋଲିଂ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛନ୍ତି।

# ପାଣି ପାଇଁ ୨ ଗ୍ରାମବାସୀ ମୁହାଁମୁହିଁ

■ ପଥର ମାଡରେ ୧୫ରୁ ଉର୍ଦ୍ଧ୍ୱ ଆହତ
■ ସମାଧାନ ପାଇଁ ପ୍ରଶାସନର ବୈଠକ

ବୁଗୁଡ଼ା,୧୬।୮(ଡି.ଏନ.ଏ)

ବୁଗୁଡ଼ା ଥାନା ଗୋଳାବନ୍ଧ ଓ ଚିଲିଖମାବାସୀ ଘାଇରୁ ପାଣି ନେବାକୁ କେନ୍ଦ୍ରକରି ମଙ୍ଗଳବାର ମୁହାଁମୁହିଁ ହୋଇଥିଲେ। ଶନିବାର ବିଳମ୍ବିତ ରାତିରେ ପୁଣି ଏହାକୁ ନେଇ ଉଭୟ ଗ୍ରାମବାସୀଙ୍କ ମଧ୍ୟରେ ଗଣ୍ଡଗୋଳ ସହ ପଥର ମାଡ ହୋଇଥିଲା। ଏଥିରେ ଉଭୟ ପକ୍ଷରୁ ପ୍ରାୟ ୧୫ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି।

ପ୍ରକାଶ ଯେ, ବୁଗୁଡ଼ା କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ଥିବା ଜାଉପାଣିଆ ଘାଇ ଉପରେ ଚିଲିଖମା ଓ ଗୋଳାବନ୍ଧ ଗ୍ରାମବାସୀ ନିର୍ଭର କରିଥାନ୍ତି। ଚିଲିଖମା ଚାଷୀଙ୍କ ପାଇଁ କେନାଲ ସୁବିଧା ଥିବାବେଳେ ଗୋଳାବନ୍ଧ ଚାଷୀଙ୍କ କେନାଲ ହୋଇନାହିଁ। ସେମାନେ ପାଇପ ପକାଇ ପାଣି ନେଉଥିଲେ। ଏହାକୁ ଚିଲିଖମା ଲୋକେ ବନ୍ଦ କରିବାରୁ ମଙ୍ଗଳବାର ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। କ୍ଷୁଦ୍ର ଜଳସେଚନ ବିଭାଗ ଅଧିକାରୀମାନେ ପହଞ୍ଚି ସାତଦିନ ମଧ୍ୟରେ ସମସ୍ୟା ସମାଧାନ ପ୍ରତିଶ୍ରୁତି ଦେଇଥିଲେ। ତେବେ ଶନିବାର ମଧ୍ୟରାତ୍ରରେ ପୁଣି ଉଭୟ ଗ୍ରାମବାସୀ ମୁହାଁମୁହିଁ ହୋଇଥିଲା। ରବିବାର ଥାନାରେ ଉଭୟ ଗ୍ରାମବାସୀ ଥାନାଧିକାରୀ ଚିତ୍ତରଞ୍ଜନ ବେହେରା, ତହସିଲଦାର ସଂଗ୍ରାମ କେଶରୀ ଜେନା ଓ କ୍ଷୁଦ୍ର ଜଳସେଚନ ସହକାରୀ ଯନ୍ତ୍ରୀ ଅଚ୍ୟୁତାନନ୍ଦ ପାତ୍ରଙ୍କ ଉପସ୍ଥିତିରେ ଏକ ବୈଠକ ବସି ସମାଧାନ କରିବାକୁ ନିଷ୍ପତ୍ତି ନେଇଛନ୍ତି।

# ୩.୯୧ କୁଇଣ୍ଟାଲ ଗଞ୍ଜେଇ ଜବତ: ୨ ଗିରଫ

ଆର୍.ଉଦୟଗିରି,୧୬।୮(ଡି.ଏନ.ଏ.)

ମୋହନା ପୋଲିସ ଏକ ଗାଡ଼ି ସହ ୧୩ ବସ୍ତା ଗଞ୍ଜେଇ ଜବତ କରିଛି। ଆର୍.ଉଦୟଗିରି ଏସଡିପିଓ ଅନିଲ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ମୋହନା ଆଇଆଇସି ସୁନିଲ କୁମାର ନାୟକ ସଦଳବଳ ରବିବାର ସକାଳ ପ୍ରାୟ ୯.୩୦ରେ ଲୁହାଗୁଡ଼ି-ଚାନ୍ଦିପୁଟ ମଝିରେ କଳାମାରୀ ଗ୍ରାମ ନିକଟରେ ପାଟ୍ରୋଲିଂ କରୁଥିବାବେଳେ ଚାନ୍ଦିପୁଟ ପଟୁ ଆସୁଥିବା ଏକ ପିକ୍‌ଅପ୍ ଭ୍ୟାନ (ନଂ.ଓଡି୦୫ଜେଡ-୯୪୪୪)କୁ ଅଟକାଇ ଯାଞ୍ଚ କରିଥିଲେ। ସେଥିରୁ ୧୩ ବସ୍ତା ଗଞ୍ଜେଇ ମିଳିଥିଲା। ମୋହନା ବିଡ଼ିଓଙ୍କ ଉପସ୍ଥିତିରେ ଗଞ୍ଜେଇ ବସ୍ତାକୁ ଓଜନ କରିବାରୁ ୩ କୁଇଣ୍ଟାଲ ୯୧କେଜି ୭୦୦ ଗ୍ରାମ ହୋଇଥିଲା। ଯାହାର ବଜାର ଆନୁମାନିକ ମୂଲ୍ୟ ପ୍ରାୟ ୩୦ ଲକ୍ଷଟଙ୍କା ହେବ ବୋଲି ପୋଲିସ କହିଛି। ଗାଡ଼ି ଜବତ କରିବା ସହ ମାଲିକ ପାଉଲ ପାଣି ଓ ଚାଳକ ଅନୁଗ୍ରହ ଲିମାଙ୍କୁ ପୋଲିସ ଗିରଫ କରିବା ସହ ଗାଡି ଜବତ କରିଛି। ଏନେଇ ମୋହନା ଥାନାରେ ନଂ.୧୨୯/୨୦ରେ ମାମଲା ରୁଜୁ କରାଯାଇଛି।

# ୧୮ରୁ ୨୪ ମାଓବାଦୀଙ୍କ ବନ୍ଦ ଡାକରା

**କଞ୍ଚାମେଣ୍ଡି ଛକରେ ବ୍ୟାନର**

ଦାରିଙ୍ଗବାଡ଼ି/କ.ନୂଆଗାଁ,୧୬।୮(ଡି.ଏନ୍.ଏ.)

କନ୍ଧମାଳ ଜିଲା କ.ନୂଆଗାଁ ଥାନା ଅନ୍ତର୍ଗତ ଜାତୀୟ ରାଜପଥର କଞ୍ଚାମେଣ୍ଡି ଛକରେ ମାଓବାଦୀଙ୍କ ବ୍ୟାନର ଲାଗିଛି। ଆସନ୍ତା ୧୮ରୁ ୨୪ତାରିଖ ପର୍ଯ୍ୟନ୍ତ ମାଓବାଦୀଙ୍କ ପକ୍ଷରୁ ବନ୍ଦ ଡାକରା ଦିଆଯାଇଛି। ଏହାକୁ ସଫଳ କରିବାକୁ ଉକ୍ତ ବ୍ୟାନରରେ ନିବେଦନ କରିଛନ୍ତି। ସେହିପରି ଅମର ଶହୀଦଙ୍କୁ ଲାଲ୍ ଜୁହାର ଜଣାଇବା ସହ କମ୍ରେଡ ରୁପେଶ, ଅରୁଣ, ମଣ୍ଟୁ, ମୁକେଶ, ଚାନ୍ଦିନୀଙ୍କୁ ଲାଲ୍ ଜୁହାର ବୋଲି ଉଲ୍ଲେଖ ରହିଛି। ବ୍ୟାନରରେ ସିପିଆଇ ମାଓବାଦୀ ଜିନ୍ଦାବାଦ ଉଲ୍ଲେଖ କରାଯିବା ସହ ତଳେ କେକେବିଏନ୍ ଡିଭିଜନ କମିଟି ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ଭାକପା) ମାଓବାଦୀ ଲେଖା ରହିଛି। ଏ ନେଇ ଅଞ୍ଚଳରେ ଭୟ ସୃଷ୍ଟି ହୋଇଛି। କ.ନୂଆଗାଁ ଥାନା ପକ୍ଷରୁ ଏହାର ତଦନ୍ତ କରାଯାଉଥିବା ଜଣାପଡ଼ିଛି।

କିଛିଦିନ ମଧ୍ୟରେ ତୁମୁଡ଼ିବନ୍ଧ ଥାନା ସିର୍ଲା ଜଙ୍ଗଲରେ ପୋଲିସ ଓ ମାଓବାଦୀ ୩ଥର ମୁହାଁମୁହିଁ ହୋଇଥିଲେ। ଉଭୟ ପକ୍ଷରୁ ଗୁଳି ବିନିମୟ


କଞ୍ଚାମେଣ୍ଡି ଛକରେ ଲାଗିଥିବା ମାଓବାଦୀ ବ୍ୟାନର ।

ହୋଇଥିବା ବେଳେ ୭ ମାଓବାଦୀ ନିହତ ହୋଇଥିଲେ। କିଛିଦିନ ନୀରବ ରହିବା ପରେ ମାଓବାଦୀ ବ୍ୟାନର ମାରି ପୁଣି ସ୍ଥିତି ଜାହିର କରିଛନ୍ତି।



